ଧରିତ୍ରୀ
DHARITRI

ବି ମାନ୍ ଜାନ୍

ଗୁରୁବାର, ୨୭ ସେପ୍ଟେମ୍ବର, ୨୦୧୮

ମୋର୍ ଅନୁଭୂତି
ଗୀତ୍ ଶୁନାଲା ଉତାରୁ ମାଓବାଦୀଙ୍କର କବ୍‌ଜାରୁ ମୁକ୍‌ଲିଥିଲି
ପୃ ୭

ଧରିତ୍ରୀ ଆଲାପ
ଥିଏଟର ଉପ୍‌ରେ ଥିବାର ଲୁକ୍‌କର ଭାବ୍‌ନାକେ ବଦଲାବାର ଲକ୍ଷ୍ୟ ଅଛେ
ପୃ ୮



ଖାଦ୍ୟରୁଚି
ଭାପା ଇଲିଶ
ପୃ-୩

## ଓଡ଼ିଶା ପର୍ଯ୍ୟଟନ

# ନୂଆ ସମ୍ଭାବନା 'କ୍ରୀଡ଼ା'


**ମାଳମାଳ ମନ୍ଦିର ସାଙ୍ଗକୁ ସୁଦୀର୍ଘ ବେଳାଭୂମି ପାଇଁ ପ୍ରସିଦ୍ଧ ଓଡ଼ିଶା। ପ୍ରାକୃତିକ ସୌନ୍ଦର୍ଯ୍ୟ, ଜଙ୍ଗଲ, ବନ୍ୟଜନ୍ତୁ, ଆଦିବାସୀ ସଂସ୍କୃତି, ଆକର୍ଷଣୀୟ ଗ୍ରାମାଞ୍ଚଳ, ଐତିହ୍ୟକୁ ନେଇ ରାଜ୍ୟର କୋଣ ଅନୁକୋଣରେ ରହିଛି ୩୫୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନସ୍ଥଳୀ, ଯାହାର ଅନୁଭୂତି ନେବାକୁ ପ୍ରତିଦିନ କାହିଁ କେତେଦୂରରୁ ଧାଇଁ ଆସନ୍ତି ପର୍ଯ୍ୟଟକ। ହେଲେ ରାଜ୍ୟ ପର୍ଯ୍ୟଟନ ପାଇଁ ଏବେ ନୂଆ ସମ୍ଭାବନା ଆଣିଦେଇଛି 'କ୍ରୀଡ଼ା'। ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ପରେ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାକୁ ମିଳିଛି ସ୍ୱତନ୍ତ୍ର ପରିଚୟ।**


ଗତ କିଛିବର୍ଷ ହେଲା ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ହ୍ରାସ ଘଟିଥିବା ବେଳେ ୨୦୧୭ରେ ପର୍ଯ୍ୟଟନ ବିଭାଗକୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା। ୨୦୧୬ ଅପେକ୍ଷା ୨୦୧୭ରେ ରାଜ୍ୟକୁ ରେକର୍ଡ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆସିଥିଲେ। କେବଳ ୨୦୧୭ରେ ଓଡ଼ିଶାକୁ ୧ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ଗତ ୩ବର୍ଷ ତୁଳନାରେ ଏହା ୩୧ ପ୍ରତିଶତ ଅଧିକ ଥିଲା। ବିଶେଷକରି ଏହି ବର୍ଷ ଆମେରିକା, ଇଂଲଣ୍ଡ, ଜାପାନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଚାଇନା, ନେଦରଲାଣ୍ଡ ଏବଂ ଅଷ୍ଟ୍ରେଲିଆରୁ ସର୍ବାଧିକ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ୨୦୧୫ରେ ରାଜ୍ୟକୁ ମାତ୍ର ୬୬ ହଜାର ଏବଂ ୨୦୧୬ରେ ୭୬ ହଜାର ପର୍ଯ୍ୟଟକ ଆସିଥିବାବେଳେ ୨୦୧୭ରେ ସଂଖ୍ୟା ୧ଲକ୍ଷ ଟପିବା ପର୍ଯ୍ୟଟନ ଶିଳ୍ପ ପାଇଁ ଏକ ଶୁଭସଙ୍କେତ ଥିଲା। ୨୦୧୭ରେ ଓଡ଼ିଶା ବିଶ୍ୱ ହକି ଲିଗ୍ ଏବଂ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଭଳି ବିଶ୍ୱ କ୍ରୀଡ଼ା ଆୟୋଜନ କରିଥିବାରୁ ବିଦେଶୀଙ୍କ ଆଗମନ ବୃଦ୍ଧି ପାଇଥିବା ଅନୁମାନ କରାଯାଇଥିଲା। ରାଜ୍ୟ ଓ ଦେଶ ବାହାରେ ଓଡ଼ିଶା ପର୍ଯ୍ୟଟନର ଏକାଧିକ ରୋଡ୍ ଶୋ', ଟ୍ରେନ୍ ଓ ବିମାନ ବ୍ରାଣ୍ଡିଂ, ଅଧିକ ସଂଖ୍ୟକ ବିମାନ ଚଳାଚଳ, ଜାତୀୟ ଓ ଅନ୍ତର୍ଜାତୀୟ ଟ୍ରାଭେଲ ବଜାରରେ ଅଂଶଗ୍ରହଣ କରିବା ଭଳି କାରଣ ମଧ୍ୟ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧିରେ ବିଶେଷଭାବେ ସହାୟ ହୋଇଥିଲା।

## ସ୍ପୋର୍ଟସ୍ ଟୁରିଜିମ୍ ପାଇଁ ନୂଆ ସୁଯୋଗ

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରି ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଥିବାବେଳେ ଏବେ ବିଶ୍ୱକପ୍ ହକି ଟୁର୍ନାମେଣ୍ଟର ଆୟୋଜକ ଭାବେ ରାଜ୍ୟ ଇତିହାସ ରଚିବାକୁ ଯାଉଛି। ନଭେମ୍ବରରେ ହେବାକୁ ଥିବା ଏହି କ୍ରୀଡା ମହାସମରର ହୋଷ୍ଟ ପାର୍ଟନର୍ ଭାବେ ଦାୟିତ୍ୱ ନେଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ବିଶ୍ୱକପ୍ ଲାଗି ରାଜ୍ୟ ଓ ଦେଶ ବାହାରୁ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ସେମାନଙ୍କ ରହଣି ଓ ଅତିଥି ସତ୍କାର ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍, କନ୍‌ଭେନ୍‌ସନ୍ ସେଣ୍ଟର, ନାଇଟ୍ ଲାଇଫ୍ ସହ ଖାଦ୍ୟର ମାନ ଠିକ୍






କରିବା ଉପରେ ହୋଟେଲଗୁଡ଼ିକ ଧ୍ୟାନଦେବାକୁ କୁହାଯାଇଛି। ଦେଶ ଏବଂ ଦେଶ ବାହାର ପ୍ରମୁଖ ବିମାନ ବନ୍ଦରଗୁଡିକରେ ବ୍ରାଣ୍ଡିଂର ବ୍ୟବସ୍ଥା ହୋଇଥିବାବେଳେ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରସ୍ତୁତ ହୋଇଛି। କେବଳ ଏତିକି ନୁହେଁ, ହକି ବିଶ୍ୱକପ୍ ପାଇଁ ଦେଶର ସର୍ବବୃହତ୍ ବଜେଟ ହୋଟେଲ ନେଟ୍‌ୱର୍କ 'ଓୟୋ ରୁମ୍ସ' ଏବଂ ଟ୍ରାଭେଲ ଓ ଅନ୍‌ଲାଇନ୍ ବୁକିଂ ସାଇଟ୍ 'ଟ୍ରିପ୍‌ଆଡଭାଇଜର୍' ସହ ବିଭାଗ ପକ୍ଷରୁ ଦୁଇଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାର ଏବେ କ୍ରୀଡାକୁ ଗୁରୁତ୍ୱ ଦେଉଥିବାରୁ ଆଗାମୀ ଦିନରେ ଓଡ଼ିଶାକୁ କିଭଳି ସ୍ପୋର୍ଟସ ଟୁରିଜିମ୍ ଡେଷ୍ଟିନେଶନରେ

ପୃ ୨

# ଓଡ଼ିଶା ପର୍ଯ୍ୟଟନ
# ନୂଆ ସମ୍ଭାବନା ‘କ୍ରୀଡ଼ା’

ପ୍ରଥମ ପୃଷ୍ଠାରୁ...





ପରିଣତ କରାଯାଇପାରିବ ତାହା ଉପରେ ଫୋକସ୍ ରହିଛି।

## ନେଚର କ୍ୟାମ୍ପକୁ ଗୁରୁତ୍ୱ

ରାଜ୍ୟରେ ଏକାଧିକ ବନ୍ୟପ୍ରାଣୀ ଅଭୟାରଣ୍ୟ ସହ ବିସ୍ତୃତ ଜଙ୍ଗଲ, ସୁଉଚ୍ଚ ପର୍ବତ, ନଦୀ, ଜଳପ୍ରପାତ, ଗଭୀରତମ ଗଣ୍ଡ ଭଳି ପ୍ରାକୃତିକ କ୍ଷେତ୍ର ଭରି ରହିଛି। ପରିବେଶ ପର୍ଯ୍ୟଟନ ବା ଇକୋ-ଟୁରିଜିମ୍ ପାଇଁ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି, ଯାହାକୁ ଦୃଷ୍ଟିରେ ରଖି ଆସନ୍ତା କିଛିବର୍ଷ ମଧ୍ୟରେ ଓଡ଼ିଶାକୁ ଦେଶର ଇକୋ-ଟୁରିଜିମ୍ ହବ୍‌ରେ ପରିଣତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଦୁଇ ବିଭାଗ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଓଏମ୍‌ୟୁ ସ୍ୱାକ୍ଷର ହୋଇଥିବାବେଳେ ଉଭୟ ବିଭାଗ ଏବେ ମିଳିତଭାବେ କାର୍ଯ୍ୟ କରୁଛନ୍ତି। ପରିବେଶ ପର୍ଯ୍ୟଟନସ୍ଥଳୀ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଉକ୍ତ ସ୍ଥାନରେ ରହଣି ବ୍ୟବସ୍ଥା ସହ ପାରିପାର୍ଶ୍ୱିକ ସୁବିଧା ସୁଯୋଗ ପ୍ରଦାନ କରଯାଉଛି। ଏହିକ୍ରମରେ ରାଜ୍ୟର ୩୬ ପରିବେଶ ପର୍ଯ୍ୟଟନସ୍ଥଳୀରେ ଜଙ୍ଗଲ ବିଭାଗ ପକ୍ଷରୁ ନେଚର କ୍ୟାମ୍ପ୍ ପ୍ରତିଷ୍ଠା କରାଯାଇଛି। ଭିତରକନିକା, ଶିମିଳିପାଳ, ଚିଲିକା, ପୁରୀ ନୂଆନଈ, ଦାରିଙ୍ଗବାଡି, ଓଳାଶୁଣୀ, ସିଧାମୂଳା, ରିସିଆ, ସାତକୋଶିଆ, ହୀରାକୁଦ, ସାନଘାଗରା, ଫୁଲବାଣୀ, ବେଲଘର, ଚନ୍ଦକା, ଅଂଶୁପା, ସପ୍ତଶଯ୍ୟା, ମହାବିନାୟକ ଭଳି ସ୍ଥାନରେ ପର୍ଯ୍ୟଟକଙ୍କ ରାତିରହଣି ପାଇଁ ନେଚର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଆଉ ୯ଟି ସ୍ଥାନରେ ନେଚର କ୍ୟାମ୍ପ୍ ପ୍ରତିଷ୍ଠା ପାଇଁ ବିଭାଗ ଯୋଜନା ରଖିଥିବା ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ଇତିମଧ୍ୟରେ ୨୩ ହଜାରରୁ ଅଧିକ ପର୍ଯ୍ୟଟକ ରହିସାରିଥିବା ବେଳେ ‘ଇକୋଟୁର୍ ଓଡ଼ିଶା’ ୱେବ୍‌ସାଇଟ୍ ମାଧ୍ୟମରେ ହେଉଥିବା ଅନ୍‌ଲାଇନ ବୁକିଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିଶେଷଭାବେ ସହାୟ ହେଉଛି। କ୍ୟାମ୍ପିଂ, ଟ୍ରେକିଂ, ବାର୍ଡିଂ, ବୋଟିଂ, ଇକୋ-ରିସର୍ଟ ଭଳି ଅତ୍ୟାଧୁନିକ ସୁବିଧା ପର୍ଯ୍ୟଟକଙ୍କୁ ଓଡ଼ିଶାର ପରିବେଶ ପର୍ଯ୍ୟଟନସ୍ଥଳୀ ପ୍ରତି ଆକୃଷ୍ଟ କରୁଛି।

## ହେରିଟେଜ୍ ପ୍ୟାଲେସ୍ ଟୁରିଜିମ୍

ଓଡ଼ିଶା ପର୍ଯ୍ୟଟନକୁ ଆଉ ପାଦେ ଆଗକୁ ନେବାକୁ ସରକାର ଆରମ୍ଭ କରିଛନ୍ତି ‘ହେରିଟେଜ୍ ପ୍ୟାଲେସ୍ ଟୁରିଜିମ୍’ ଯୋଜନା। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଭଳି ଓଡ଼ିଶାରେ ‘ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍’ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ରାଜ୍ୟରେ ରହିଥିବା ଐତିହାସିକ ରାଜପ୍ରାସାଦଗୁଡିକରେ ପର୍ଯ୍ୟଟକମାନେ ରାଜକୀୟ ଅନୁଭୂତି ସାଉଁଟିପାରିବେ। ପ୍ରଥମେ ଢେଙ୍କାନାଳ ରାଜପ୍ରାସାଦରୁ ଆରମ୍ଭ ହୋଇଥିବା ହେରିଟେଜ୍ ହୋମ୍ ଷ୍ଟେ’ ବ୍ୟବସ୍ଥାକୁ ବ୍ୟାପକ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଯୋଜନାରେ ପ୍ରାଥମିକ ପର୍ଯ୍ୟାୟରେ ଢେଙ୍କାନାଳ, ଆଳି ଓ ନୀଳଗିରି ରାଜଉଆସକୁ ସାମିଲ କରାଯାଇଛି। ଏହାପରେ ତାଳଚେର ରାଜପ୍ରାସାଦ, ବୋରାପଦାସ୍ଥିତ ଗଜଲକ୍ଷ୍ମୀ ରାଜପ୍ରାସାଦ, କଳାହାଣ୍ଡି ରାଜପ୍ରାସାଦ, ଡାଳିଯୋଡା ରାଜପ୍ରାସାଦକୁ ଏହି ଦୌଡରେ ସାମିଲ କରାଯିବାକୁ ସ୍ଥିରହୋଇଛି। କେବଳ ପ୍ୟାଲେସ୍ ନୁହେଁ, ପୁରାତନ କୋଠା ଓ ଅଟ୍ଟାଳିକାକୁ ମଧ୍ୟ ଏଥିରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି। ଢେଙ୍କାନାଳ ପ୍ୟାଲେସରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ରାଜ ପରିବାର ପକ୍ଷରୁ ବ୍ୟାଡମିଣ୍ଟନ୍ କୋର୍ଟ, ବାସ୍କେଟବଲ୍ କୋର୍ଟ, ଟେବୁଲ୍ ଟେନିସ୍ ଆଦିର ବ୍ୟବସ୍ଥା କରାଯାଇଥିବା ବେଳେ ଆଳି ରାଜପ୍ରାସାଦରେ ପର୍ଯ୍ୟଟକଙ୍କ ପାଇଁ ଗୋଟିପୁଅ, ଓଡ଼ିଶୀ, ଦାସକାଠିଆ, ବାଦୀପାଲା ଆଦି ଦେଖିବାର ବ୍ୟବସ୍ଥା ରହିଛି। ସେହିଭଳି ଘୋଡାଶାଳ, ବହୁ ପୁରାତନ କୋଠା, ରାଜବାଟୀ, ରାଣୀମହଲ, ନୃତ୍ୟଶାଳା ଆଦି ଦେଖିବାର ଅବସର ପାଇପାରୁଛନ୍ତି ପର୍ଯ୍ୟଟକ।



## ଫୋକସ୍‌ରେ ଯୁବ ପର୍ଯ୍ୟଟକ

ରାଜ୍ୟରେ ଥିବା ଉତ୍କୃଷ୍ଟ ପରିବେଶ, ଜଙ୍ଗଲ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ବିକାଶ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ବିଶେଷକରି ବର୍ତ୍ତମାନର ଯୁବ ପର୍ଯ୍ୟଟକମାନେ ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନ ଅପେକ୍ଷା ଆଡ୍‌ଭେଞ୍ଚର ଟୁରିଜିମ୍ ବା ଦୁଃସାହସିକ ପର୍ଯ୍ୟଟନକୁ ଅଧିକ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ସ୍ପୋର୍ଟସ ତଥା ଜିପ୍-ଲାଇନିଂ, ରିଭର ରାଫ୍ଟିଂ, ମାଉଣ୍ଟେନିଂ, ଟ୍ରେକିଂ, ପାରା ରାଇଡିଂ, ସର୍ଫିଙ୍ଗ୍ ଆଦି ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ଦେଶ ଭିତରେ ଏବଂ ବାହାରେ ଓଡ଼ିଶାର ଜଙ୍ଗଲ, ପରିବେଶ, ବେଳାଭୂମି, ବନ୍ୟଜନ୍ତୁ, ଆଦିବାସୀ ଓ ଗ୍ରାମାଞ୍ଚଳ ପର୍ଯ୍ୟଟନ ସମ୍ପର୍କରେ ପ୍ରଚାର ପ୍ରସାର କରାଯିବ। ପର୍ଯ୍ୟଟନ ଶିଳ୍ପରେ ଏବେ ‘ଥିମାଟିକ୍ ପ୍ୟାକେଜ’କୁ ନେଇ ବିଶେଷ ଆଗ୍ରହ ଦେଖାଯାଉଥିବାରୁ ଏହା ଉପରେ ଗୁରୁତ୍ୱ ଦିଆଯିବ। ୱାଇଲ୍ଡଲାଇଫ ଟୁର୍, ସଫାରି ଟୁର୍, ଭିଲେଜ୍ ଟୁର୍, ଟ୍ରାଇବାଲ ଟୁର୍, ରୟାଲ ଟୁର୍ ଭଳି ବିଭିନ୍ନ ଟୁର୍ ପ୍ୟାକେଜ୍ ଆରମ୍ଭ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି।



## ସଂଗ୍ରହାଳୟ ପର୍ଯ୍ୟଟନ



ରାଜ୍ୟରେ ସଂଗ୍ରହାଳୟ ପର୍ଯ୍ୟଟନର ବିକାଶ କରିବାକୁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ, ହସ୍ତଶିଳ୍ପ ଓ ହସ୍ତକଳା ସଂଗ୍ରହାଳୟ, ରିଜିଓନାଲ ସାଇନ୍ସ ସେଣ୍ଟର, ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ପଠାଣି ସାମନ୍ତ ପ୍ଲାନେଟାରିୟମ୍ ପରି ୧୨ଟି ସଂଗ୍ରହାଳୟ ସହ ଆଲୋଚନା କରାଯାଇଛି। ସେହିଭଳି ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ ‘କଳାଭୂମି’ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସଂଗ୍ରହାଳୟ ପଦଯାତ୍ରା ବା ମ୍ୟୁଜିୟମ୍ ୱାକ୍ ଆରମ୍ଭ ହୋଇଛି।

– ରିପୋର୍ଟ: ସସ୍ମିତା ପାଇକରାୟ

## ଏଜୁକେଶନ ଓ ମାଇସ୍ ଟୁରିଜିମ୍



ବିଦେଶୀ ଛାତ୍ରୀଛାତ୍ରଙ୍କୁ ଭାରତକୁ ଆକୃଷ୍ଟ କରିବା ଲାଗି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଜୁକେଶନ ଟୁରିଜିମ୍ ବା ଶିକ୍ଷା ପର୍ଯ୍ୟଟନକୁ ଏବେ ଗୁରୁତ୍ୱ ଦିଆଯାଉଛି। ଦେଶ ବାହାରେ ରୋଡ୍ ଶୋ’ କରି ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଏକ୍ଷେତ୍ରରେ ମଧ୍ୟ ଓଡ଼ିଶା ପାଇଁ ରହିଛି ବିପୁଳ ସୁଯୋଗ। ଓଡ଼ିଶାରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଏବେ ମାତ୍ର ୩୦ ପ୍ରତିଶତ ସିଟ୍ ପୂରଣ ହେଉଥିବା ବେଳେ ୭୦ ପ୍ରତିଶତ ଖାଲିପଡୁଛି। ଚଳିତବର୍ଷ ମଧ୍ୟ ପ୍ରାୟ ୩୧ ହଜାର ସିଟ୍ ଖାଲିପଡିଥିଲା। ସେହିଭଳି ମ୍ୟାନେଜମେଣ୍ଟରେ ମଧ୍ୟ ୪୦ ପ୍ରତିଶତ ସିଟ୍ ଖାଲିପଡିଛି। ଶିକ୍ଷା ପର୍ଯ୍ୟଟନ ଆରମ୍ଭ ହେବାଦ୍ୱାରା ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଆସିବା ସହ ସିଟ୍ ପୂରଣରେ ମଧ୍ୟ ସହାୟକ ହୋଇପାରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମାଇସ୍(ମିଟିଙ୍ଗ୍‌ସ, ଇନ୍‌ସେନ୍‌ଟିଭ୍‌ସ, କନ୍‌ଫରେନ୍ସ ଆଣ୍ଡ ଏକ୍‌ଜିବିସନ୍ସ) ଏବଂ ମେଡିକାଲ ଟୁରିଜିମ୍ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଆଗାମୀ ଦିନରେ ରାଜ୍ୟରେ ୨ରୁ ୩ଟି ବିଶ୍ୱସ୍ତରୀୟ କନ୍‌ଫରେନ୍ସ ହଲ୍ ହେବାକୁ ଥିବାବେଳେ ମାଇସ୍ ଟୁରିଜିମ୍ ପାଇଁ ଏହା ନୂଆ ସୁଯୋଗ ସୃଷ୍ଟିକରିବ। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଓଡ଼ିଶା ବହୁଆଗରେ ରହିଛି। ଏକାଧିକ ବଡ଼ ବଡ଼ ବ୍ରାଣ୍ଡର ହସ୍ପିଟାଲକୁ ହୋଷ୍ଟ କରୁଥିବା ଓଡ଼ିଶା ଏବେ ପୂର୍ବ ଭାରତର ହେଲ୍‌ଥକେୟାର ହବ୍‌ଭାବେ ପରିଗଣିତ ହେଉଛି। କେବଳ ଭୁବନେଶ୍ୱରରେ ଏବେ ୧ ହଜାରରୁ ଊର୍ଦ୍ଧ୍ୱ ସ୍ପେଶିଆଲିଟି ବେଡ୍ ଥିବାବେଳେ ୨୦୨୫ ସୁଦ୍ଧା ୫୮୦କୋଟି ଟଙ୍କା ବ୍ୟୟରେ ଆହୁରି ୧୧୦୦ ବେଡ୍ ସୃଷ୍ଟିକରି ମେଡିକାଲ ଟୁରିଜିମ୍‌କୁ ବ୍ୟାପକ କରିବାକୁ ଲକ୍ଷ୍ୟରହିଛି। ଏହାବ୍ୟତୀତ ଫିଲ୍ମ ଟୁରିଜିମ୍, ଟ୍ରାଇବାଲ ଟୁରିଜିମ୍, ୱେଲନେସ୍ ଟୁରିଜିମ୍ କଲଚର୍ ଆଣ୍ଡ କୁଇଜିନ୍ ଟୁରିଜିମ୍‌କୁ ନେଇ ନୂଆ ବ୍ରାଣ୍ଡ୍ ହେବାକୁ ଲକ୍ଷ୍ୟରଖିଛି ଓଡ଼ିଶା।



# ଭାପା ଇଲିଶି

ଅନେକଙ୍କ ପ୍ରିୟ ଖାଦ୍ୟ ହେଉଛି ମାଛ। ଚଳିତ ସପ୍ତାହର 'ଖାଦ୍ୟରୁଚି' ସ୍ତମ୍ଭରେ ସ୍ଥାନ ପାଇଛି ମାଛରେ ପ୍ରସ୍ତୁତ ଫେମସ୍ ବେଙ୍ଗଲୀ ରେସିପି 'ଭାପା ଇଲିଶି'। ଏହାର ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ ଜଣାଇଛନ୍ତି ରିସେସ୍ ରେଷ୍ଟୁରାଣ୍ଟର ସେଫ୍ ଉମାକାନ୍ତ।



## ଖାଦ୍ୟରୁଚି

### ଆବଶ୍ୟକ ସାମଗ୍ରୀ

- ଇଲିଶି ମାଛ ୫୦୦ ଗ୍ରାମ୍ (୫ରୁ ୭ ପିସ୍)
- ସୋରିଷ ୪ ଚାମଚ୍
- ଖଟା ଦହି ୪ ଚାମଚ
- କୋରା ନଡିଆ ୩ ଚାମଚ
- ପୋସ୍ତକ ଦେଢ଼ ଚାମଚ
- ହଳଦୀ ଗୁଣ୍ଡ ୧ ଚାମଚ
- କଞ୍ଚା ଲଙ୍କା ୪ରୁ ୬ଟି
- ଲଙ୍କା ଗୁଣ୍ଡ ଅଧ ଚାମଚ
- ସୋରିଷ ତେଲ ୪ ଚାମଚ
- ଲୁଣ ସ୍ୱାଦ ଅନୁଯାୟୀ

### ପ୍ରସ୍ତୁତି ପ୍ରଣାଳୀ

✪ପ୍ରଥମେ ସୋରିଷକୁ ନଖ ଉଷୁମ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ସୋରିଷକୁ ପାଣିରୁ ଛାଣି ସେଥିରେ ଗୋଟିଏ କଞ୍ଚା ଲଙ୍କା, ଅଳ୍ପ ଲୁଣ ଦେଇ ବାଟି ରଖି ଦିଅନ୍ତୁ। ପୋସ୍ତକକୁ ମଧ ବାଟି ଅଲଗା ରଖନ୍ତୁ। ମାଛରେ ଅଧ ଚାମଚ ଲୁଣ, ଅଧ ଚାମଚ ହଳଦୀ ଗୁଣ୍ଡ ଏବଂ ଅଳ୍ପ ଲଙ୍କା ଗୁଣ୍ଡ ପକାଇ ଭଲଭାବେ ଗୋଳାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖି ଦିଅନ୍ତୁ। ଏବେ ମସଲା ପ୍ରସ୍ତୁତି ପାଇଁ ଅନ୍ୟ ଏକ ପାତ୍ରରେ ବଟା ହୋଇ ରହିଥିବା ସୋରିଷ, ବଟା ପୋସ୍ତକ, କୋରା ନଡିଆ, ଖଟା ଦହି, ବଳକା ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ଏବଂ ଅଳ୍ପ ସୋରିଷ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣରେ ଅଳ୍ପ ଲୁଣ, କଞ୍ଚା ଲଙ୍କା ପକାଇ ୧କପ୍ ପାଣି ଦିଅନ୍ତୁ। (ଧ୍ୟାନ ରଖିବେ ପୂର୍ବରୁ ମସଲା ବାଟିବା ସମୟରେ ଏବଂ ମାଛକୁ ମ୍ୟାରିନେଟ୍ କରିବା ସମୟରେ ଲୁଣ ପକାଯାଇଥିଲା)। ଏହାପରେ ଟାଇଟ୍ ଢାଙ୍କୁଣୀ ଥିବା ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଟିଫିନ୍ ବକ୍ସ ଆଣନ୍ତୁ। ବକ୍ସରେ ଅଳ୍ପ ସୋରିଷ ତେଲ ଲଗାଇ ପୂର୍ବରୁ ବଟା ହୋଇ ରହିଥିବା ମସଲାରୁ ଅଧା ସେଥିରେ ରଖନ୍ତୁ। ଗୋଟିଏ କଞ୍ଚାଲଙ୍କା ଚିରି ମସଲା ଉପରେ ପକାନ୍ତୁ। ମସଲା ଉପରେ ମ୍ୟାରିନେଟ୍ ହୋଇ ରହିଥିବା ମାଛକୁ ରଖିବା ପରେ ତା' ଉପରେ ବଳକା ଥିବା ମସଲାକୁ ଢାଳନ୍ତୁ। ଏହା ଉପରେ ଏକ ଚାମଚ ସୋରିଷ ତେଲ ଦେଇ ଆଉ ଏକ କଞ୍ଚାଲଙ୍କାକୁ ଚିରି ପକାନ୍ତୁ। ପରେ ବକ୍ସର ଢାଙ୍କୁଣିକୁ ଭଲଭାବେ ବନ୍ଦ କରି ଦିଅନ୍ତୁ।

✪ଶେଷ ପର୍ଯ୍ୟାୟରେ ମାଛକୁ ଷ୍ଟିମ୍ ବା ବାମ୍ଫ ଦେଇ ତରକାରୀ ପ୍ରସ୍ତୁତ କରାଯିବ। ଏଥିପାଇଁ ଆପଣ ଏକ ବଡ଼ ହାଣ୍ଡି କିମ୍ବା ପ୍ରେସର କୁକର ବ୍ୟବହାର କରିପାରିବେ।

(କ)- ଏକ ବଡ ହାଣ୍ଡି ଆଣି ସେଥିରେ ୫କପ୍ ପାଣି ଦିଅନ୍ତୁ। ଏବେ ସେଥିରେ ମାଛ ରହିଥିବା ଷ୍ଟିଲ୍ ବକ୍ସକୁ ରଖି ହାଣ୍ଡିର ଢାଙ୍କୁଣି ଦେଇ ଦିଅନ୍ତୁ। ଗ୍ୟାସର ଆଞ୍ଚକୁ ବଢାଇ ଦେବା ସହ ୫ ମିନିଟ ପାଣି ଫୁଟିବା ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ତା'ପରେ ସେଥିରୁ ଷ୍ଟିଲ ବକ୍ସକୁ କାଢି ଦିଅନ୍ତୁ।

(ଖ)- ପ୍ରେସର କୁକର ବ୍ୟବହାର କରୁଥିଲେ, ପ୍ରଥମେ ସେଥିରେ ୫କପ୍ ପାଣି ଢାଳନ୍ତୁ। ତା'ପରେ ସେଥିରେ ବକ୍ସକୁ ରଖି ଢାଙ୍କୁଣୀ ଦେଇ ଦିଅନ୍ତୁ। ମଧ୍ୟମ ଆଞ୍ଚରେ ୨ରୁ ୩ଟି ହ୍ୱିସିଲ୍ ଆସିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। କିଛି ସମୟ ପରେ କୁକରର ଢାଙ୍କୁଣୀ ଖୋଲି ଏକ ପାତ୍ରକୁ ମାଛ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଭାପା ଇଲିଶି'।

-ରିପୋର୍ଟ: ବନ୍ଦନା ସେଠୀ

# ମାର୍କେଟ୍‌ରେ ନୂଆ

## ଇଣ୍ଟେକ୍ସ ଷ୍ଟାରି ୧୧




ଇନଟେକ୍ସ ପକ୍ଷରୁ ବଜାରକୁ ଆସିଛି ଷ୍ଟାରି ୧୧ ସ୍ମାର୍ଟଫୋନ। ଏହାର ବଜାର ଦର ୪୯୯୯ ଟଙ୍କା ରହିଛି। ଏହି ମଡେଲରେ ଗ୍ରାହକ ଉନ୍ନତ ୟୁଜର ଏକ୍ସପେରିଏନ୍ସ, ପ୍ରିମିୟମ କ୍ୱାଲିଟି ସ୍କ୍ରିନ୍, ସୁପରିୟର ଡୁଆଲ କ୍ୟାମେରା ପାଇପାରିବେ। ଗ୍ରାହକମାନେ ୮ ଏମ୍‌ପି ରିୟର କ୍ୟାମେରା ସହ ୮ ଏମ୍‌ପି ଏବଂ ୨ ଏମପିର କ୍ୟାମେରା ପାଇପାରିବେ। ୧.୩ ଗିଗା ହର୍ଜ କ୍ୱାର୍ଡକୋର ପ୍ରୋସେସର, ୨ଜିବି ର୍ୟାମ୍ , ୧୬ ଜିବି ଷ୍ଟୋରେଜ୍ କ୍ଷମତା, ଉନ୍ନତ ୱାଚିଂ ଏବଂ ଗେମିଂ ସୁବିଧା ଏଥିରେ ଉପଲବ୍ଧ ହେବ। କମ୍ପାନୀ ଏଥିରେ ୧୨ ମାସର ବ୍ରାଣ୍ଡ ୱାରେଣ୍ଟି ପ୍ରଦାନ କରୁଛି। ଏହା ସ୍ନାପଡିଲ୍‌ରେ ଉପଲବ୍ଧ ହେବ।

## ସାମ୍‌ସଙ୍ଗ ଗାଲାକ୍ସି ଜେ୬ ପ୍ଲସ, ଜେ୪ ପ୍ଲସ

ସାମ୍‌ସଙ୍ଗ ଇଣ୍ଡିଆ ବଜାରକୁ ଆଣିଛି ନୂଆ ଗାଲାକ୍ସି ଜେ୬ ପ୍ଲସ ଏବଂ ଜେ୪ ପ୍ଲସ୍ ମଡେଲ। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏଥିରେ ଆକର୍ଷକ ଡିଜାଇନ ଏବଂ କୁଲ୍ ଫିଚର ରହିଥିବା କମ୍ପାନୀ ସୂଚନା ଦେଇଛି। ରେଡ୍, ବ୍ଲାକ ଏବଂ ବ୍ଲୁ ଭଳି ତିନୋଟି ରଙ୍ଗରେ ଜେ୬ ପ୍ଲସ ଆସୁଥିବା ବେଳେ ଜେ୪ ପ୍ଲସ ଗୋଲ୍ଡ, ବ୍ଲାକ ଏବଂ ବ୍ଲୁ ରଙ୍ଗରେ ଉପଲବ୍ଧ। ଏଥିରେ ଟୁ ଏଚ୍‌ଡି ପ୍ଲସ୍ ଇନଫିନିଟି ଡିଜାଇନ୍, ଡଲବି ଆଟମ୍ ସୁବିଧା ରହିଛି। ଜେ୬ ପ୍ଲସରେ ପାର୍ଶ୍ୱ ଫିଙ୍ଗରପ୍ରିଣ୍ଟ ସେନସର, ୧୩ ଏବଂ ୫ ଏମ୍‌ପି ଡୁଆଲ ରିୟର କ୍ୟାମେରା, ୬ ଏମ୍‌ପି ଫ୍ରଣ୍ଟ କ୍ୟାମେରା ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଉପଲବ୍ଧ। ଜେ ୪ ପ୍ଲସରେ ୧୩ ଏମ୍‌ପି ରିୟର ଏବଂ ୫ ଏମ୍‌ପି ଫ୍ରଣ୍ଟ କ୍ୟାମେରା ରହିଛି। ସେହିଭଳି ଆଣ୍ଡ୍ରଏଡ୍ ଓରିଓ, ୩,୩୦୦ ଏମଏଏଚ୍ ବ୍ୟାଟେରି ସୁବିଧା, ୪୨୫ ସ୍ନାପଡ୍ରାଗନ ପ୍ରୋସେସର ରହିଛି। ମଡେଲଗୁଡ଼ିକର ବଜାର ଦର ୧୫,୯୯୦ଟଙ୍କା (ଜେ୬ ପ୍ଲସ) ଏବଂ ୧୦,୯୯୦ ଟଙ୍କା (ଜେ୪ ପ୍ଲସ) ରହିଛି।




# ସେଲ୍ଫି କର୍ନର


@ ପ୍ରୀତୀଶ


@ ଦାନି


@ ସ୍ୱାଗତିକା


@ ସାଇନୀ



@ ବର୍ଷା


@ ସାଜିତ


@ ସଞ୍ଜୀବନୀ


@ ଅନୁପମା


@ ଅଭିଷେକ


@ ଆପି


@ ଅଚ୍ୟୁତାନନ୍ଦ


@ ଚିଉ


@ ଆନନ୍ଦ


@ ବିଜୟ


@ ଭବାନୀ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଝାରସୁଗୁଡ଼ା ସହରର ପୁରୁଣା ବସ୍ତି



## ଲୋକସଂଖ୍ୟା

ପୁରୁଣାବସ୍ତି ଭାବେ ପରିଚିତ ଜନବସତିରେ ଅନ୍ୟୂନ ଅଢେଇ ହଜାରରୁ ଅଧିକ ପରିବାର ଏବଂ ପ୍ରାୟ ୧୦ ହଜାର ଲୋକ ବସବାସ କରନ୍ତି। ଏଠି ସବୁ ବର୍ଣ୍ଣ ଏବଂ ବର୍ଗର ଲୋକ ଏକାଠି ରହୁଛନ୍ତି। ସାଧାରଣତଃ ଓଡ଼ିଆ ଲୋକଙ୍କ ବସତି ସଂଖ୍ୟା ଅଧିକ ହେଲେ ମଧ୍ୟ ଅନ୍ୟ ବର୍ଗଙ୍କ ମଧ୍ୟରେ ଗୁଜରାଟୀ, ସିନ୍ଧି, ତେଲୁଗୁ, ବଙ୍ଗାଳି, ବିହାରୀ, ସିନ୍ଧି ଏବଂ ମୁସଲିମ୍ ପରିବାର ବସବାସ କରନ୍ତି।

## ପର୍ବପର୍ବାଣି

ପୁରୁଣାବସ୍ତିର ଲୋକ ରଥଯାତ୍ରାକୁ ବେଶ ଧୁମ୍‌ଧାମରେ ପାଳନ କରନ୍ତି। ସେହିପରି ଭାବେ ଅନ୍ୟାନ୍ୟ ପର୍ବପର୍ବାଣି ଭିତରେ ରଣିଜିତା ଯାତ୍ରା, ଦଶହରାରେ ଦୁର୍ଗାପୂଜା ଏବଂ ଗଣେଶ ପୂଜାକୁ ବେଶ ଆଡମ୍ବରରେ ପାଳନ କରାଯାଏ। ପୁରୁଣାବସ୍ତିରେ ବହୁ ପୁରୁଣା ଭାଗବତ ମନ୍ଦିରଟିଏ ରହିଛି, ଯେଉଁଠାରେ ଭାଗବତ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥାଏ।

ପ୍ରତ୍ୟେକ ଜନପଦର ନାମକରଣ ପଛରେ ଏକ ଐତିହାସିକ ପୃଷ୍ଠଭୂମି ରହିଥାଏ। ଜନପଦଟି ପୁର ହେଉ କି ପଲ୍ଲୀ, ପ୍ରଗଣା ହେଉ କି ଗାଁ। ସବୁ ନାମକରଣ ପଛରେ ରହିଥାଏ ଗୋଟିଏ ଗୋଟିଏ କଥାବସ୍ତୁ। ଝାରସୁଗୁଡ଼ା ସହରର ସେହିପରି ଏକ ସ୍ଥାନ ରହିଛି, ଯାହାର ନାଁ ହେଉଛି 'ପୁରୁଣାବସ୍ତି'। ଏହାର ନାମକରଣ ସଂକ୍ରାନ୍ତୀୟ ପ୍ରମାଣ ଏବେଯାଏଁ ନଥିପତ୍ରରେ ଉଲ୍ଲେଖିତ ହୋଇପାରିନାହିଁ। ଏହାର ନାମକରଣ କେବଳ ଲୋକଙ୍କ କଥାକୁ ନେଇ ଆଧାରିତ ବୋଲି କୁହାଯାଉଛି। ସମ୍ବଲପୁର ରାଜା ଶିବ ସିଂହଙ୍କ ବଂଶଧର ରଣଜିତ ସିଂହଙ୍କୁ 'ଝାରଗୁଡା ପ୍ରଗଣା'ର ପ୍ରଥମ ଜମିଦାର ରୂପେ ଅବସ୍ଥାପିତ କରାଯାଇଥିଲା। ଝାରଗୁଡା ସମେତ ୧୨ଟି ପଲ୍ଲୀକୁ ନେଇ ଗଠିତ ଝାରଗୁଡା ପ୍ରଗଣା ପରିଚିତ ଥିଲା। ବର୍ତ୍ତମାନର କଥିତନାମ 'ପୁରୁଣାବସ୍ତି' ଏହି ଝାରଗୁଡ଼ାର ଅଂଶ ରହିଥିଲା। କିନ୍ତୁ ପୁରୁଣାବସ୍ତି ବୋଲି ସେତେବେଳେ କୌଣସି ନାମ ସୃଷ୍ଟି ହୋଇ ନ ଥିଲା। ସମୟ ଅତିବାହିତ ହେବା ସହ ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡକୁ ଇଂରେଜମାନଙ୍କ ଶାସନ ଅମଳରେ ବେଙ୍ଗଲ-ନାଗପୁର ରେଳପଥ(ବି.ଏନ୍. ରେଲୱେ) ମଝିରେ ଝାରଗୁଡ଼ା ଠାରେ ଏକ ନୂତନ ରେଳ ଷ୍ଟେଶନ ସ୍ଥାପିତ ହୋଇଥିଲା। 'ଝାରଗୁଡା' ସେଦିନଠାରୁ ଝାରସୁଗୁଡ଼ା ବୋଲି ପରିଚିତ ହୋଇଥିଲା। ଝାରସୁଗୁଡା ରେଳ ଷ୍ଟେଶନ୍ ସ୍ଥାପନ ହେବା ଦ୍ୱାରା ବାହାର ରାଜ୍ୟର ବ୍ୟବସାୟୀ ଗୋଷ୍ଠୀର ଲୋକ ଝାରସୁଗୁଡ଼ା ଆସିବା ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶ, ବିହାର, ବଙ୍ଗଳା, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ରାଜସ୍ଥାନ ଭଳି ରାଜ୍ୟର ଲୋକେ ଝାରସୁଗୁଡ଼ା ଆସିଥିଲେ।

ବ୍ୟବସାୟିକ ଏବଂ ଯାତାୟାତ ସୁବିଧା ଦୃଷ୍ଟିକୋଣରୁ ବାହାରୁ ଆସିଥିବା ବ୍ୟବସାୟିକ ଗୋଷ୍ଠୀ ଷ୍ଟେଶନ ନିକଟରେ ନୂତନ ଜନପଦ ସୃଷ୍ଟି କରିଥିଲେ। ସୃଷ୍ଟି ହେଉଥିବା ନୂତନ ଜନପଦକୁ ଝାରସୁଗୁଡ଼ା ଭାବେ କୁହାଯିବା ସହ ପୁରୁଣା ଜନପଦକୁ ପୁରୁଣାବସ୍ତି କହିବାକୁ ଲାଗିଲେ। ଏହିପରି ଭାବେ ସହରାଞ୍ଚଳର ପରିସୀମା ବୃଦ୍ଧି ପାଇ ପୁରୁଣାବସ୍ତି ସହ ମିଶିଯାଇଥିଲା। ଏଥିସହ ତାଳଦେଇ ଲୋକଙ୍କ ଦ୍ୱାରା ବ୍ୟବହାର ହେଉଥିବା ପୁରୁଣାବସ୍ତି ନାଁଟି ମଧ୍ୟ ପ୍ରଚାରିତ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ନଥିପତ୍ରରେ ଏହାର ନାମ ପୁରୁଣାବସ୍ତି ବୋଲି ଉଲ୍ଲେଖ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।


### ନଥିପତ୍ରରେ ଏପରି ନାଁ ନାହିଁ



"ପୁରୁଣାବସ୍ତି ବୋଲି କୌଣସି ନାମ ନ ଥିଲା। ଆଗରୁ ଝାରସୁଗୁଡ଼ା କହିଲେ ପୁରୁଣାବସ୍ତିକୁ ହିଁ ଲୋକ ବୁଝୁଥିଲେ। କିନ୍ତୁ ଆସ୍ତେ ଆସ୍ତେ ବାହାରୁ ଆସିଥିବା ଲୋକମାନେ ଏହି ଅଞ୍ଚଳକୁ ପୁରାନାବସ୍ତି ବା ପୁରୁଣାବସ୍ତି କହିବା ଦ୍ୱାରା ଏହାର ନାମ ପୁରୁଣାବସ୍ତିରେ ପରିଣତ ହୋଇଛି। ହେଲେ କୌଣସି ନଥିପତ୍ରରେ ଏହାର ନାମ ପୁରୁଣାବସ୍ତି ବୋଲି ଉଲ୍ଲେଖ ନାହିଁ।

– ଗୋବିନ୍ଦ ତ୍ରିପାଠୀ(ସ୍ଥାନୀୟ ବାସିନ୍ଦା)

### ପୁରୁଣା ଅଞ୍ଚଳରୁ ପୁରୁଣାବସ୍ତି



"ସ୍ୱଳ୍ପ ଲୋକଙ୍କୁ ନେଇ ଏକ ଜନବସତି ରହିଥିଲା। ସେଠାରେ ଝାରସୁଗୁଡ଼ାର ଜମିଦାର ବସବାସ କରୁଥିଲେ। ଷ୍ଟେଶନ ସ୍ଥାପନ ହେବା ପରେ ଏହି ଅଞ୍ଚଳ ସବୁଠାରୁ ପୁରୁଣା ଅଞ୍ଚଳ ଭାବେ ପରିଚିତ ଥିଲା। ତେଣୁ ଏହାକୁ ପୁରୁଣାବସ୍ତି ବୋଲି କୁହାଗଲା।

– ତପସ୍ୱୀଲାଲ ତିୱାରୀ (ସ୍ଥାନୀୟ ବାସିନ୍ଦା)

ରିପୋର୍ଟ: ପ୍ରଭଞ୍ଜନ ମିଶ୍ର

# ବିଶ୍ୱାସର ପୀଠ

# ପଞ୍ଚମା ସିଦ୍ଧ ବିନାୟକ



ଗଞ୍ଜାମ ଜିଲାର ଏକ ପ୍ରସିଦ୍ଧ ପୀଠ ହେଉଛି ପଞ୍ଚମା ଶ୍ରୀ ସିଦ୍ଧ ବିନାୟକ ପୀଠ। କୁହାଯାଏ, ଏଠାକୁ ଆସି ମନସ୍କାମନା ରଖିଥିବା ବ୍ୟକ୍ତି ସଫଳତା ପାଇଥାଏ। ବିଶ୍ୱାସ ରହିଛି ଯେ, ଆତ୍ମବିଶ୍ୱାସର ଦେବତା ହେଉଛନ୍ତି ଶ୍ରୀ ସିଦ୍ଧ ବିନାୟକ। ଆଉ ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ବିଭିନ୍ନ ମନସ୍କାମନା ରଖି ଆସିଥାନ୍ତି ଏଠାକୁ। ଯେ କୌଣସି ବ୍ୟକ୍ତି ନିଜର ପ୍ରଥମ କାର୍ଯ୍ୟାରମ୍ଭ ସମୟରେ ଏଠାକୁ ଆସି ଶ୍ରୀ ସିଦ୍ଧ ବିନାୟକଙ୍କ ନିକଟରେ ମାନସିକ ରଖି ପୂଜାର୍ଚ୍ଚନା କରିଥାନ୍ତି। ବିଶେଷକରି ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥୀରେ ଶ୍ରୀ ସିଦ୍ଧ ବିନାୟକଙ୍କ ପୀଠରେ ମହାଆଡମ୍ବରରେ ପୂଜାର୍ଚ୍ଚନା ହୋଇଥାଏ। ସେହିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ଏଥିପାଇଁ ଜିଲା ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଏବଂ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥାଏ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ସପ୍ତାହର ବୁଧବାର ଓ ରବିବାର ଏବଂ ପ୍ରତ୍ୟେକ ମାସର ସଂକ୍ରାନ୍ତି ଓ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ଏହି ଦିନ ମଧ୍ୟ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ବର୍ଷ ତମାମ୍ ଏହି ପୀଠକୁ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏହି ପୀଠ ସହିତ ଜଗନ୍ନାଥ ସଂସ୍କୃତି ଏବଂ ପଦ୍ମାବତୀଙ୍କ ସମେତ ପଞ୍ଚୁପାଣ୍ଡବଙ୍କ ସହିତ ସମ୍ପର୍କ ରହିଥିବା କିମ୍ବଦନ୍ତୀରୁ ଜଣାପଡ଼ିଛି। କୁହାଯାଏ, ରାଜା ପୁରୁଷୋତ୍ତମ ଦେବ ଶିକାର କରିବାକୁ ଯାଇଥିବା ସମୟରେ କାଞ୍ଚି ରାଜ୍ୟର ରାଜକୁମାରୀ ପଦ୍ମାବତୀଙ୍କ ସହିତ ସାକ୍ଷାତ୍ ହୋଇଥିଲା। ପ୍ରଥମ ଦେଖାରେ ରାଜା ପୁରୁଷୋତ୍ତମ ରାଜକୁମାରୀ ପଦ୍ମାବତୀଙ୍କୁ ଭଲପାଇ ବସିଲେ। ପରବର୍ତ୍ତୀ ସମୟରେ ଯେତେବେଳେ କାଞ୍ଚି ରାଜାଙ୍କ ନିକଟକୁ ବିବାହ ପ୍ରସ୍ତାବ ପଠାଇଲେ ପଦ୍ମାବତୀଙ୍କ ବାପା ତଥା କାଞ୍ଚି ରାଜା ପ୍ରତ୍ୟାଖ୍ୟାନ କରିଥିଲେ। ମହାରାଜା ପୁରୁଷୋତ୍ତମ ଦେବ ରଥଯାତ୍ରା ସମୟରେ ଛେରାପହଁରା କରୁଥିବାରୁ କାଞ୍ଚି ରାଜା ଝାଡୁଦାର ବୋଲି କହି ଅପମାନିତ କରିଥିଲେ। ନିଜର ଦେବତା ଶ୍ରୀଜଗନ୍ନାଥଙ୍କୁ ଅପମାନ ହୋଇଥିବା ହୃଦଙ୍ଗମ କରି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତାବ ଦେଲେ। ଯୁଦ୍ଧ ପାଇଁ ଧାର୍ଯ୍ୟ ହେବା ପରେ ଯୁଦ୍ଧ ଆରମ୍ଭ ହେଲା। କ୍ରମାଗତ ଦୁଇ ଦୁଇ ଥର ଯୁଦ୍ଧରେ ପରାସ୍ତ ହେବା ପରେ ପୁରୁଷୋତ୍ତମ ଦେବ ମ୍ରିୟମାଣ ହେବା ସହିତ ପଦ୍ମାବତୀଙ୍କୁ ପାଇବା ଏବଂ ନିଜ ଦେବତାଙ୍କୁ ଅପମାନର ପ୍ରତିଶୋଧ ନେଇପାରିଲେନି ବୋଲି ନିରାଶ ହୋଇ ଶ୍ରୀ ଜଗନ୍ନାଥଙ୍କ ଶରଣାପନ୍ନ ହୋଇ ଗୁହାରି ଜଣାଇଥିଲେ। କାଞ୍ଚି ରାଜାଙ୍କୁ ପରାସ୍ତ କରିବାକୁ ହେଲେ କାଞ୍ଚି ରାଜ୍ୟର ଅଧିପତି ଶ୍ରୀ ଗଣେଶଙ୍କ ଶରଣାପନ୍ନ ହେବା ପାଇଁ ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମଙ୍କୁ ସ୍ୱପ୍ନାଦେଶ ଦେଇଥିଲେ। ରାଜା ପୁଣି ଥରେ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ନିଜର ସୈନ୍ୟ ସାମନ୍ତ ନେଇ କାଞ୍ଚି ରାଜ୍ୟ ପ୍ରାରମ୍ଭରେ ରହିଥିବା ଘୋର ଅରଣ୍ୟ ମଧ୍ୟରେ ଶ୍ରୀ ସମ୍ପଦ ବିନାୟକଙ୍କୁ ଖୋଜିଥିଲେ। ପରେ ଏକ ବଟ ଏବଂ ଅଶ୍ୱତ୍ଥ ମିଳିତ ବୃକ୍ଷମୂଳରେ ରହିଥିବା କୋରଡ଼ରେ ଗୋଟିଏ ମୂଷା ଏବଂ ସାପ ମିଳିତ ଭାବେ ରହିଥିବା ଦେଖି ଦେବତାଙ୍କ ପ୍ରତୀକ ଭାବେ ଭାବି ପୂଜାର୍ଚ୍ଚନା କରିଥିଲେ। ଏହା ପରେ ସୈନ୍ୟ ସାମନ୍ତ ନେଇ ଯୁଦ୍ଧ କରିଥିଲେ। ଯୁଦ୍ଧରେ କାଞ୍ଚି ରାଜାଙ୍କୁ ପରାସ୍ତ କରି ରାଜକନ୍ୟା ପଦ୍ମାବତୀଙ୍କୁ ସାଥିରେ ଆଣିଥିଲେ। ପଦ୍ମାବତୀ ଆସୁଥିବା ସମୟରେ ନିଜ ସାଥିରେ କାଞ୍ଚିର ସର୍ବଶ୍ରେଷ୍ଠ ଦେବତା ଶ୍ରୀଗଣେଶଙ୍କ ମୂର୍ତ୍ତି ଆଣିଥିଲେ। ଯାତ୍ରା ସମୟରେ ପଞ୍ଚମା ନିକଟରେ ବିଶ୍ରାମ କରିବା ପାଇଁ ପ୍ରଭୁଙ୍କୁ ଆଜ୍ଞାଦେଶ ମାଗିବା ପରେ ବିଶ୍ରାମ ନେଇଥିଲେ।

ମହାରାଜା ପୁରୁଷୋତ୍ତମ ଦେବ ଦୁଇ ଥର କାଞ୍ଚି ରାଜାଙ୍କଠାରୁ ପରାସ୍ତ ହେବା ପରେ ତୃତୀୟ ଥର ଜଗତର ନାଥ ଜଗନ୍ନାଥଙ୍କୁ ସ୍ମରଣ କରି ଅଧିଆ ପଡିଥିଲେ। ସେତେବେଳେ ରାଜା ବିଜୟୀ ହେବାକୁ ହେଲେ କାଞ୍ଚି ଅଧିପତି ଶ୍ରୀଗଣେଶଙ୍କ ଶରଣାପନ୍ନ ହେବାକୁ ବୋଲି ଶ୍ରୀଜଗନ୍ନାଥ ସ୍ୱପ୍ନାଦେଶ ଦେଇଥିଲେ। ପ ଡ଼ି ବ ପଞ୍ଚମା ଶ୍ରୀ ସମ୍ପଦ ବିନାୟକଙ୍କୁ ପୂଜାର୍ଚ୍ଚନା କରି ତାଙ୍କ ଆଜ୍ଞା ପାଇବା ପରେ କାଞ୍ଚି ବିଜୟ ଲାଭ କରି ନିଜର ପ୍ରେମିକା ପଦ୍ମାବତୀଙ୍କୁ ପାଇଥିଲେ। ପଦ୍ମାବତୀ ରାଜାଙ୍କ ସହିତ ଆସୁଥିବା ବେଳେ ନିଜ ସହିତ କାଞ୍ଚି ଅଧିପତି ଗଣେଶଙ୍କ ମୂର୍ତ୍ତିକୁ ନେଇ ଆସିଥିଲେ। ମୂର୍ତ୍ତି ଗର୍ଭରେ ଶ୍ରୀଗଣେଶଙ୍କ ବ୍ରହ୍ମ ଥିଲା। ହେଲେ ଫେରୁଥିବା ରାସ୍ତାରେ ପଞ୍ଚମାରେ ବିଶ୍ରାମ ନେବା ସମୟରେ ଏହି ମୂର୍ତ୍ତିରୁ ଗଣେଶଙ୍କ ବ୍ରହ୍ମ ଶ୍ରୀ ସମ୍ପଦ ବିନାୟକଙ୍କଠାରେ ପାତାଳି ହୋଇଯାଇଥିଲା। ରାଜାଙ୍କୁ ସ୍ୱପ୍ନାଦେଶ ହେବା ପରେ ପୁରୀରୁ ପଦ୍ମାବତୀଙ୍କୁ ନେଇ ପଞ୍ଚମାରେ ଶ୍ରୀ ସିଦ୍ଧ ବିନାୟକଙ୍କ ମନ୍ଦିର ତୋଳିଥିଲେ ବୋଲି କିମ୍ବଦନ୍ତୀ ରହିଛି।

– ରିପୋର୍ଟ: ବ୍ରହ୍ମପୁରରୁ ସମୀରକାନ୍ତ ତ୍ରିପାଠୀ ଏବଂ ଗୋପାଳପୁରରୁ ନବୀନ ରାଜ୍ ଆଚାରୀ

# ଗୀତ୍ ଶୁନାଲା ଉତାରୁ ମାଓବାଦୀଙ୍କର କବ୍ଜାରୁ ମୁକୁଳିଥିଲି

## ମୋର୍ ଅନୁଭୂତି



**କଁଠ୍‌ଶିଲ୍‌ପି: ଲିପ୍‌ସା ମହାପାତ୍ର**

**ଜନମ୍: ଏପ୍ରିଲ୍ ୨୦**

**ଏହେଦ୍‌କାର ଠିକ୍‌ନା: କଟକ**

**ସଫଲ୍‌ତା: ବଦ୍‌ମାସ ଟୋକା, ଟୋକାଟା ଫସିଗଲା ଲେଖେଁ ୪ଟା ଓଡ଼ିଆ ଫିଲ୍ମରେ କଁଠ୍‌ଦାନ୍, 'ମତେ ଲଭ୍ କରିବା ପାଇଁ ୧ ଦବାଓ', 'ଏ ମୋର ଜାନୁ ଜାନୁ', 'ଲାଗିଲାରେ ପ୍ୟାର୍ ବାଲା କରେଣ୍ଟ', ଲେଖେଁ ୩୦ରୁ ଅଧିକା ଓଡ଼ିଆ ଆର୍ ସମ୍ବଲପୁରୀ ଗୀତ୍‌ରେ କଁଠ୍‌ଦାନ୍, ଏକାଧିକ ଷ୍ଟେଜ୍ ଶୋ', ରିଲିଜ୍ ଅପେକ୍ଷାରେ ଚଲଚିତ୍ର 'ତାଣ୍ଡବ'। ଇତାର ସଂଗେ ଆଏବାର ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ହେବାକେ ଥିବାର ୱାର୍ଲ୍ଡକପ୍ ହକିର ଥିମ୍ ସଙ୍ଗକେ ବଲିଓଡ୍ ସିଙ୍ଗର୍ ମିକା ସିଂଙ୍କର ସଂଗେ ଗାଇଛନ୍।**

ଏହେଦ୍‌କା ସଂଗୀତ୍ ଜଗତ୍‌ର ଝନେ ପରିଚିତ୍ ଚେହେରା ହେଉଛନ୍ ୟଙ୍ଗ୍ ଆଣ୍ଡ ଷ୍ଟାଇଲିଷ୍ଟ କଁଠ୍‌ଶିଲ୍‌ପି ଲିପ୍‌ସା ମହାପାତ୍ର। ରିଆଲିଟି ଶୋ' 'ଭଏସ୍ ଅଫ୍ ଓଡ଼ିଶା'ରେ ସେ ଭାଗ୍ ନେଇ ଫାଇନାଲିଷ୍ଟ ହେଇଥିଲେ। ସଂଗୀତ୍ ଉପ୍‌ରେ ତାଁକର ଛୁଆବେଲୁ ଆଗ୍‌ରହ ଥିଲା। ଦୁତିଅ ଶ୍ରେଣୀରୁ ସେ ସଂଗୀତ୍ ଶିକ୍ଷା ଆରମ୍ କରିଦେଇଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ୍‌ରେ ଆଗ୍‌ରହ ରଖୁଥିବାର ଲିପ୍‌ସା ଝନେ ବିଟେକ୍ ଛାତ୍ରୀ। ହେଲେ ସଂଗୀତ୍‌କେ ନିଜର କ୍ୟାରିୟର ହିସାବେ ବାଛିଛନ୍। ତାଁକର 'ଟୋକାଟା ଫସିଗଲା' ଚଲଚିତ୍‌ର 'ଜାନୁ ଲୋ ଜାନୁ, ଆଜିକାଲି ଭାରି ଦୁଷ୍ଟ ହେଲୁଣି'..., ମ୍ୟୁଜିକ୍ ଭିଡିଓ 'ହ୍ୱାଟ୍ ସାଲ୍ ଆଇ ଡୁ', 'ନା ସେଲ୍‌ଫି ନେଇଛି ତୋ ସାଥିରେ' ଲେଖେଁ ଗୀତ୍ ଶୁରୁତାଙ୍କର ଭଲପାଏବାର ସାଉଁଟିବାରେ ସଫଲ ହେଇଛେ। ତାଁକର ଜୀବନ୍‌ର ଗୁଟେ ଅଭୁଲା ଅନୁଭୂତି ବାବ୍‌ଦେ ସେ ଆମର ଆଘେ ବଖାନିଛନ୍...।

୨/୩ ବଛର୍ ତଲର କଥା। ଗୁଟେ ସଂଗୀତ୍ କାଯ୍‌କରମରେ ଯୋଗଦେବାକେ ମାଲକାନଗିରି ଅଂଚଲକେ ଯାଇଥିଲୁଁ। ପ୍ରୋଗ୍ରାମ ସାରି ଫିର୍‌ଲା ବେଲେ ରାଏତ୍ ପାଖାପାଖି ୨ ବାଜି ଥାଏ। ଗାଡିରେ ମୁଇଁ ଆଉର ୨ ଝନ୍ କଁଠ୍‌ଶିଲ୍‌ପି, ଦୁଇଝନ୍ ଅଭିଭାବକ ଆର୍ ଡ୍ରାଇଭର ଥାଉଁ। ଗୁଟେ ଘାଟି ରାସ୍‌ତାରେ ଆମକୁ କେତେଝନ୍ ମାଓବାଦୀ ଘେରିଗଲେ। ସେମାନକର ହାତେ ବନ୍ଧୁକ୍ ଆର୍ ଉନିଆ ସାମାନ୍‌ମାନ୍ ଥାଏ। ସେମାନ୍‌କୁ ଦେଖି ଆମେ ସଭେ ଡରି ଯାଇଥାଉଁ। ସେମାନେ ଗାଡ଼ି ଅଟ୍‌କାବାର ସଂଗେ ଆମ୍‌କୁ ଆର୍ ନାଇଁ ଛାଡ୍‌ଲେ। ଆମେମାନେ କଳାକାର, ଗୁଟେ କାଯ୍‌କରମ୍ ସାରି ଫିରୁଛୁଁ ବଲି ଯେତେ କହେଲେ ବି ବିଶାସ୍ ନାଇଁ କଲେ। ସେମାନେ ସଭେ ଅଣଓଡ଼ିଆ ହେଇଥିବାର ଲାଗି ଆମ୍‌କୁ କଳାକାର ବଲି ନାଇଁ ବୁଝିପାରୁଥାଇ। ଭାଏଲ୍ କିଛି ଅଘଟନ୍ ଘଟ୍‌ବା ସେ ଆଶଁକାରେ ମନ୍ ଉଛନ୍ ହେଉଥାଏ। କେନ୍‌ଥେଇ ଭଲେ ଭଲେ ଆସି ଘରେ ପୁହୁଁଚିମୁ ସେଥିର୍‌ଲାଗି ସଭେ ଏକ୍‌ସୁରିଆ ଭଗବାନକୁଁ ଡାକୁଥାଉଁ। ଏନ୍‌ଥେଇ ବହୁତ୍ ସମିଆ କଥାବାର୍‌ତା ହେଲା ଉତାରୁ ତାଁକର ଭିତ୍‌ରୁ ଝନେ ମାଓବାଦୀ ଆମ୍‌କୁ ହିନ୍ଦୀରେ କହେଲେ, ଯଦି ତୁମେମାନେ କଳାକାର ତ ଆମ୍‌କୁ ଗୀତ୍ ଗାଇ ଶୁନ। ଯଦି ଆମ୍‌କୁ ଠିକ୍ ଲାଗ୍‌ଲା ଆର୍ ତମେମାନେ କଁଠ୍‌ଶିଲ୍‌ପି ବଲି ବିଶାସ୍ ହେଲା ତମ୍‌କୁମାନ୍‌କୁ ଛାଡିଦେମୁଁ। ଉପେ ଶୂଇନ୍ ହେଇ ଆମେ ସେମାନ୍‌କୁ ଗୁଟ୍‌କେ ଗୁଟ୍ ଗୀତ୍ ଗାଇ ଶୁନାତେଲ ଗଲୁଁ। ଆମର ଗୀତ୍ ଶୁନ୍‌ଲା ଉତାରୁ ଶେଷେ ସେମାନେ ଖୁସ୍ ହେଲେ, ଇଥର ତୁମେମାନେ ଯାଇପାର ବଲି କହେଲେ। ପାଖାପାଖି ୨ଘଁଟା ତକ୍ ଆମକୁ ସେମାନେ ଅଟ୍‌କେଇ ରଖିଲେ। ଆଏଜ୍ ବି ସେଦିନର କଥା ଶୋର ପଡ଼ଲେ ଭଏ ଲାଗ୍‌ସି।

**– ରିପୋର୍ଟ: ବନ୍ଦନା ସେଠୀ**

---

## ନିଜ କଥା

# ବସ୍ ଭିତରେ କଟିଥିଲା ମହାବାତ୍ୟାର କାଳରାତ୍ରି

**୧୯୯୯ ଅକ୍ଟୋବର ୨୯ ତାରିଖ ରାତି। ତାଣ୍ଡବ ରଚିଥିଲା ମହାବାତ୍ୟା। ମୋର ଓଏଏସ୍ ତାଲିମ ଚାଲିଥାଏ। ସେହିଦିନ ଢେଙ୍କାନାଳରୁ କେନ୍ଦ୍ରାପଡ଼ା ବସ୍ ଯୋଗେ ଫେରୁଥାଏ। ଚଣ୍ଡିଖୋଲ ପାଖରୁ ପବନର ମାତ୍ରା ବଢ଼ିଥିଲା। ଗାଡ଼ି ଠିକ୍ ବାଲିଚନ୍ଦ୍ରପୁର ନିକଟରେ ପହଞ୍ଚିବା ବେଳକୁ ଡ୍ରାଇଭର ଆଉ ଆଗକୁ ବଢ଼ି ନ ଥିଲେ। କାଳରାତ୍ରିର କରାଳ ରୂପ ବସ୍ ଭିତରେ ଥାଇ ଦେଖିଥିଲି। ଏହି କଥା କହିଛନ୍ତି କଟକ ସଦର ଉପଜିଲାପାଳ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ। କେନ୍ଦ୍ରାପଡ଼ା ଜିଲାର ରାଇପୁର ଗ୍ରାମରେ ୧୯୭୧ ଏପ୍ରିଲ ୧୮ରେ ଜନ୍ମଗ୍ରହଣ କରିଥିବା ପ୍ରଧାନ ପ୍ରଥମେ ବ୍ୟାଙ୍କ ପ୍ରୋବେଶନ ଅଫିସରରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାପରେ ଦୀର୍ଘଦିନ ଧରି ଭୁବନେଶ୍ୱର ବିଡିଓ ଓ ଏବେ ଉପଜିଲାପାଳ ଦାୟିତ୍ୱରେ ଅଛନ୍ତି। ପ୍ରଧାନଙ୍କୁ ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ପଚାରା ଯାଇଥିବା କେତୋଟି ପ୍ରଶ୍ନ।**

**ପ୍ରଥମ ଦରମାରେ କ'ଣ କରିଥିଲେ?**

୧୯୯୭ରେ ମୁଁ ବ୍ୟାଙ୍କ ପିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ପ୍ରଥମ ମାସର ପ୍ରଥମ ଦରମା ପାଇବା ପରେ ମୁଁ ଏକମୁହାଁ ହୋଇ ମୋ ମା ପାଖକୁ ଦୌଡ଼ିଥିଲି। ଦରମା ଟଙ୍କା ମା' ହାତକୁ ବଢାଇ ଦେବା ପରେ ମୋତେ ବହୁତ ଆନନ୍ଦ ଲାଗିଥିଲା।

**ପସନ୍ଦର ରଙ୍ଗ କ'ଣ?**

ଧଳାରଙ୍ଗ ମୋର ସର୍ବଦା ପସନ୍ଦ। ଏହି ରଙ୍ଗରେ ମୁଁ ଆତ୍ମତୃପ୍ତି ଲାଭ କରିଥାଏ।

**ସିନେମା ଦେଖନ୍ତି ?**

ସମୟ ପାଇଲେ ଦେଖେ। ଅକ୍ଷୟ କୁମାର ଅଭିନୀତ ଗୋଲ୍ଡ ଚଳଚ୍ଚିତ୍ର ଶେଷଥର ପାଇଁ ଭୁବନେଶ୍ୱରର କେଶରୀ ହଲ୍‌ରେ ବସି ଦେଖିଥିଲି।

**ପସନ୍ଦର ହିରୋ, ହିରୋଇନ?**

ସେମିତି ନିର୍ଦ୍ଦିଷ୍ଟ କାହାରି ଫ୍ୟାନ୍ ନୁହେଁ। ଅଭିନୟ ଅନୁଯାୟୀ, ମୁଁ ଅଭିନେତା ଅଭିନେତ୍ରୀଙ୍କୁ ପସନ୍ଦ କରିଥାଏ।

**ଗୀତ ଶୁଣନ୍ତି କି?**

ଓଡ଼ିଆ ଗୀତ ମୋର ବହୁତ ପସନ୍ଦ। ଅକ୍ଷୟ ମହାନ୍ତିଙ୍କ କଣ୍ଠସ୍ୱର ମୋତେ ଆନନ୍ଦ ଦେଇଥାଏ।



ସୁକାନ୍ତ କୁମାର ପ୍ରଧାନ

**ରୋଷେଇ ଜାଣନ୍ତି?**

ସେ ବିଦ୍ୟା ମୋତେ ଆଦୌ ଜଣାନାହିଁ। ଶିଖିବା ପାଇଁ ବହୁବାର ଚେଷ୍ଟା କରିଛି ହେଲେ ସଫଳ ହୋଇନାହିଁ।

**ପଢ଼ାପଢ଼ି, ଲେଖାଲେଖି ପ୍ରତି ସଉକ ଅଛି?**

ହଁ, ମୁଁ ନିଜେ ବିଭିନ୍ନ ପ୍ରସଙ୍ଗ ଉପରେ ଆର୍ଟିକିଲ ଲେଖେ। ତେବେ ଖବରକାଗଜ ପଢିବା ମୋର ନିତିଦିନିଆ ଅଭ୍ୟାସ। ଖବରକାଗଜର ସମ୍ପାଦକୀୟ ଯଦି ପ୍ରସଙ୍ଗ ଭିତ୍ତିକ ହୋଇଥାଏ ତେବେ ଅଧିକ ଭଲ ଲାଗିଥାଏ।

**ଲଭ ନା ଆରେଞ୍ଜ ମ୍ୟାରେଜ?**

ସମ୍ପୂର୍ଣ୍ଣ ଆରେଞ୍ଜ। ୨୦୦୩ରେ ଶୁଭଲିପ୍ସାଙ୍କ ସହିତ ମୋର ବିବାହ ହୋଇଥିଲା।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

ତାଙ୍କ ପାଖରେ ସାମାଜିକତା ଗୁଣ ଭରି ରହିଛି। ଏହାବାଦ୍ ତାଙ୍କ ହାତରନ୍ଧା ଖାଦ୍ୟ ମୋର ବହୁତ ପସନ୍ଦ।

**ମାର୍କେଟିଂ କରନ୍ତି?**

ଶୁଭଙ୍କ ସହିତ ମିଶି ମାର୍କେଟିଂ କରୁଥିଲି। ହେଲେ ଏବେ ପୁଅ ସହିତ ଶୁଭ ସେ କାମ ତୁଲାଉଛନ୍ତି।

**ସ୍ମରଣୀୟ ଘଟଣା?**

ନିଶ୍ଚିତଭାବେ ମହାବାତ୍ୟା ରାତ୍ରି ମୋର ସବୁଦିନ ପାଇଁ ମନେ ରହିବ। ବାଲିଚନ୍ଦ୍ରପୁରରୁ ଆମ ଘର ପାଖାପାଖି ୩୦ କିଲୋମିଟର ହେବ। ରାତି ପାହିଲା ବେଳକୁ ଚାରି ଆଡ଼େ ଭୟଙ୍କର ରୂପ। ଚାଲି ଚାଲି ଘରେ ପହଞ୍ଚିଥିଲି। ବାଟ ସାରା ବୀଭତ୍ସ ଦୃଶ୍ୟ କଥା ମନେ ପଡ଼ିଲେ ଏବେ ବି ମୋ ଦେହରେ ଶିହରଣ ସୃଷ୍ଟି ହୁଏ।

**– ସାକ୍ଷାତ: ନିର୍ମଳ ପଣ୍ଡା**



# ଥିଏଟର ଉପ୍‌ରେ ଥିବାର ଲୁକ୍‌କର ଭାବ୍‌ନାକେ ବଦ୍‌ଲାବାର ଲକ୍ଷ୍ୟ ଅଛେ

## ଧରିତ୍ରୀ ଆଲାପ

**ମୁମ୍ବାଇ ଥିଏଟର ଜଗତ୍‌ର ଗୁଟେ ପରିଚିତ୍ ନାଁ ହେଉଛେ ଅଭିଷେକ ପଟ୍ଟନାୟକ। ୨୮ ବଛରିଆ ଇ ଓଡ଼ିଆ ଯୁବକ୍ ଗଲା ୭ ବଛର ହେଲା ଇଂଲିଶ, ହିନ୍ଦୀ ଥିଏଟରରେ ଅଭିନଏ କରବାର ସଂଗେ କାହାଣୀ ଲେଖୁଛନ୍ ଆର୍ ନିର୍‌ଦେଶନା ବି ଦେଉଛନ୍। ମୁମ୍ବାଇରେ 'ଆଉଟ୍ ଅଫ୍ ଦି ବକ୍ସ ପ୍ରଡକ୍ସନ' ନାଁରେ ନିଜର ଗୁଟେ ଥିଏଟର ପ୍ରଡକ୍ସନ କରିଛନ୍। 'କାନ୍ ଆଇ ହଲ୍ଡ ୟୁ', '୭୮୬', 'ଦି ଫ୍ରାଇଙ୍ଗ୍ ପ୍ୟାନ୍' ଲେଖେଁ ବହୁତ୍‌ଟେ ଲୋକ୍‌ପିରିଅ ନାଟ୍ କରିଛନ୍। ହେଲେ 'ଟୁ ଆଡରେବୁଲ ଲୁଜର୍ସ' ତାହାକୁ ପରତିଷ୍ଠା ଦେଇଛେ। ବମ୍ବେ, ଦିଲ୍ଲୀ, କଲିକତା ସହର ସମେତ ରାଜସ୍ଥାନ, କେରଳ, ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଆସାମ ଲେଖେଁ ରାଏଜ୍‌ମାନ୍‌କେ ନାଟ୍ ପରିବେଶନ କରି ଦେଖନହାରିଙ୍କର ଭଲପାଏବାର ସାଉଁଟିଛନ୍। ଭବିଷତ୍‌ରେ ଥିଏଟରକେ ନେଇ ବହୁତ୍‌ଟେ ସପନ୍ ଦେଖୁଥିବାର ଇ ଅଭିଷେକଙ୍କର ବାପା ରଞ୍ଜିତ ପଟ୍ଟନାୟକ ଝନେ ପ୍ରଫେସର ଆର୍ ମା' ରଚିତା ପଟ୍ଟନାୟକ ଘର୍‌କରି ଆନ୍। ମୁମ୍ବାଇ ତାକର ଜନମ୍ କରମ୍ ଭୂଇଁ ହେଇଥିଲେ ବି ଓଡ଼ିଆ ସଂସ୍କୃତିକେ ସେ କେଭେ ଭୁଲି ନାଇଁପାରି। ଡିସ୍‌ନି ଚ୍ୟାନେଲରେ ପଦରଶିତ୍ 'ବେଷ୍ଟ ଅଫ୍ ଲକ୍ ନିକି' ଆର୍ ଏପିକ୍ ଚ୍ୟାନେଲରେ 'ହମ୍ କିସି ସେ କମ୍ ନହିଁ ଶୋ' ଲାଗି କାହାଣୀ ଲେଖିଥିବାର ଅଭିଷେକଙ୍କର ସଂଗେ ଇଥର ଧରିତ୍ରୀର ଖାସ୍ ଆଲାପ।**

**ଝନେ ମ୍ୟାନେଜମେଣ୍ଟ ଛାତ୍ର ହେଇ ଥିଏଟର ଲାଇନ୍‌କେ କେନ୍‌ଥେଇ ଆଏଲେ?**

ପାଠ ପଢ଼ା ସମିଆରେ ମୁଇଁ ଡ୍ରାମାରେ ବହୁତ୍ ଅଭିନଏ କରୁଥିଲି। ବହୁତ୍ ପରତିଯୋଗିତାରେ ଭାଗ୍ ନେଉଥିଲି। ସେ ସମିଆରୁ ଡ୍ରାମା ଉପ୍‌ରେ ମୋର ଦୁର୍‌ବଲତା ବଢ଼ି ଯାଇଥିଲା। ମୁଇଁ ୯ରୁ ୫ ବଜେ ତକ୍ କେହେନ୍‌ସି ଚାକ୍‌ରି କର୍‌ବାକେ ନାଇଁ ଚାହୁଁଥାଇ। ସେଥିର୍‌ଲାଗି ସାଂଗ୍‌ମାନେ ମୋତେ ଥିଏଟର ଲାଇନ୍‌ରେ ଯିବାକେ ଉଛାହିତ୍ କରିଥିଲେ। ଗ୍ରାଜୁଏସନ୍ ଉତାରୁ ମୁଇଁ ମୋର କାମ୍ ଆରମ୍ କରିଦେଲି।

**ଘରର୍ ଲୁକ୍‌କର ସପୋର୍ଟ କେନ୍‌ଥେଇ ମିଲିଥିଲା?**

ସବୁ ମା'ବାପ୍ ନିଜର ପିଲା ଛୁଆକୁ ତାକର ଇଛାରେ ପାଠ୍‌ପଢ଼ାବାର ସଂଗେ ଭଲ୍ ଚାକ୍‌ରି ଖଁଡେ କର୍‌ବାକେ କହେସନ୍। ହେଲେ ମୋର ମା'ବାପ୍ ସେନ୍‌ତା ନୁହଁନ୍। ମୋର ବାପା ବହୁତ୍ ସପୋର୍ଟିଭ୍। ମୁଇଁ ଯେତେବେଲେ ତାହାକୁ ଯାଇ କହେଲି ଯେ ମୁଇଁ ଥିଏଟର ଆରମ୍ କର୍‌ମି, ସେ ସଂଗେ ସଂଗେ ମୋର କଥାରେ ରାଜି ହେଇଗଲେ। ତାକର ସପୋର୍ଟ ଲାଗି ମୁଇଁ ଆଜି ଇ ଜାଗାରେ ପୁହୁଁଚି ପାରିଛେଁ।

**ଅଭିନଏ ସଂଗେ କହାଣୀ ଲେଖ୍‌ସନ୍। ଦୁଇଟା ଭିତ୍‌ରୁ କେନ୍ କାମ୍‌ଟା ଅଧିକା ଭଲ୍ ଲାଗ୍‌ସି?**

ଦୁଇଟା ଯାକ ଭିନେ ଭିନେ କାମ୍ ଆଏ। କାହାଣୀ ଲେଖ୍‌ବାକେ ହେଲେ ଗବେଷଣା କର୍‌ବାକେ ପଡ଼ସି। ଅଭିନଏ କଲାବେଲେ ଭିନେ ଭିନେ ଭୂମିକାନେ ନିଜ୍‌କୁ ନିଜେ ଢ଼ାଲ୍‌ବାକେ ପଡ୍‌ସି। ଦୁଇଟା ଯାକ କାମ୍ କର୍‌ବାକେ ମତେ ଭଲ୍ ଲାଗ୍‌ସି। ଦୁଇଟା ଭିତ୍‌ରୁ ମୁଇଁ କେନ୍ ଗୁଟେକେ ନାଇଁ ବାଛିପାରେଁ।

**ନିଜର ପ୍ରଡକ୍ସନ୍ ହାଉସ୍‌ର ପହେଲା ନାଟ୍ 'ଲିଟଲ ଡିଡ୍ ଦେ ନୋ'ର କିଛି ଅନୁଭୂତି ବାବ୍‌ଦେ କହେବେ କଏଁ?**

୨୦୧୧ରେ ଇ ନାଟ୍ ଲଞ୍ଚ୍ ହେଇଥିଲା। ଯେହେତୁ ପହେଲା ଶୋ' ଥିଲା, ସେଥିର୍‌ଲାଗି ବହୁତ୍ ମଜା ଲାଗିଥିଲା। ହେଲେ ସେତେବେଲେ ମୋର ଏତେ ଅନୁଭୂତି ନାଇଁ ଥାଇ। ସେଥିରଲାଗି ଲେଖାନୁ ଆରମ୍ କରି ଭିନେ ଭିନେଥି ଅଲ୍‌ପେବହୁତ୍ ଅଭାବ ରହିଥିଲା। ସେଥିରୁ ବହୁତ୍‌ଟେ ଜିନିସ ଶିଖିବାକେ ମିଲିଥିଲା।

**ଆଏଜ୍‌ତକ୍ ଯେତେଟା ନାଟ୍ କରିଛନ୍ ସେ ଭିତ୍‌ରୁ କେନ୍‌ଟା ଆପନ୍‌କୁ ଆତ୍‌ମସନ୍‌ତୋଷ ଦେଇଛେ?**

'ଟୁ ଆଡରେବୁଲ ଲୁଜର୍ସ' ଲାଗି ଆତ୍‌ମ ସନ୍‌ତୋଷ ମିଲିଛେ। ଗଲା ବଛର ଇ ନାଟ୍‌ଟା ମୁମ୍ବାଇରେ ଲଞ୍ଚ୍ ହେଇଥିଲା। ତାର ଆଗ୍‌ରୁ ମୁଇଁ ସବୁବେଲେ ମୁମ୍ବାଇରେ ନ ନାଟ୍ ପରିବେଷନ୍ କରୁଥିଲି। ସେ ସମିଆରେ ମୁଇଁ ଚିନ୍‌ତା କରୁଥିଲି ଯେ, ମୁଇଁ ଉନିଆ ସହରକେ କାହିଁର ଲାଗି ନାଇଁଯିବାର। ହେଲେ 'ଟୁ ଆଡରେବୁଲ ଲୁଜର୍ସ' ନାଟ୍ ଲାଗି ବହୁତ ପରଶଁସା ପାଇଥିଲି। ଇ ନାଟ୍‌ନା ମୋର ସପନ୍‌କେ ପୂରା କରିଥିଲା। ଭାରତର ଭିନେ ଭିନେ ସହରରେ ଆଏଜ୍‌ତକ୍ ଇ ନାଟ୍‌ଟା ୭୯ ଥର୍ ପରିବେଷନ୍ ହେଇସାଏଲାନ। ଆଗ୍‌କେ ଆହୁରି କେତେଟା ଜାଗାକେ ଯିବାର ଅଛେ।

**କେନ୍ କେନ୍ ନାଁକରା କଲାକାରଙ୍କର ସଂଗେ କାମ୍ କର୍‌ବାର ଅନୁଭବ୍ ଅଛେ?**

ରାକେଶ ବେଦୀ, ଅନନ୍ତ ମହାଦେବନ୍‌ଙ୍କର ଲେଖେଁ ନାଁକରା ଆର୍ଟିଷ୍ଟଙ୍କର ସଂଗେ କାମ୍ କରିଛେଁ। ଥିଏଟର ଲାଇନ୍‌ରେ ସେମାନକର ବହୁତ୍ ବଛର୍‌ର ଅଭିଜ୍ଞତା ଅଛେ। ସେଥିର୍‌ଲାଗି ତାକରନୁ ବହୁତ୍ କଥା ଶିଖିଛେଁ।

**ଥିଏଟର ଜଗତ୍‌ରେ କାହାକେ ନିଜର ଆଦର୍ଶ ମାନ୍‌ସନ୍?**

ରବିନ ୱିଲିୟମ୍‌ସ ଆର୍ ଜିମ୍ କ୍ୟାରିକୁଁ ମୁଇଁ ମୋର ଆଦର୍ଶ ମାନ୍‌ସିଁ। ହେଲେ ବଲିଉଡ୍‌ରେ ଛୋଟ୍‌ବେଲୁ ଅମିର ଖାନ୍‌ଙ୍କର ଅଭିନଏକେ ଦେଖି ଉଛାହିତ୍ ହେଇଛେଁ।

**ଓଡ଼ିଆ ଲେଖକ୍‌ମାନ୍‌କର ଷ୍ଟୋରିକେ ନେଇ ନାଟ୍ କର୍‌ବାର ଯୋଜ୍‌ନା ରଖିଛନ୍ କାଏଁ?**

ହଁ, ସୁଯୋଗ୍ ମିଲ୍‌ଲେ ନିହାତି ଭାବେ କର୍‌ମି। ହେଲେ ଏହେଦ୍‌କା ନୁହେ। କାରନ୍ ଏଭ୍‌ତକ୍ ମୁଇଁ ୭ଟା ନ ନାଟ୍ ଲେଖିଛେଁ। ନିଜ୍‌କେ ଆହୁରି ଉନ୍‌ନତ କର୍‌ବାର ଅଛେ। ସେଥିର୍‌ଲାଗି ଆଉର ୨ରୁ ୩ ବଛର୍ ନିଜର ଲେଖା ଉପ୍‌ରେ କାମ୍ କର୍‌ମି।

**ଓଡ଼ିଆ ଷ୍ଟୋରିକେ ଉନିଆ ଭାଷାରେ ଓଡ଼ିଶା ବାହାରେ ପରିବେଷନ କରି ପର୍‌ଚାର ପର୍‌ସାର କର୍‌ବାକେ ଚାହେଁବେ କାଏଁ?**

ନିହାତି ଭାବେ କର୍‌ମି। ଯଦି ବି ମୁଇଁ ମୁମ୍ବାଇରେ ରହୁଛେଁ, ହେଲେ ଓଡ଼ିଆ ସଂସ୍କୃତି ଆର୍ ପରଂପରାକେ ଭୁଲି ନାଇଁପାରେଁ। ସେଥିର୍‌ଲାଗି ସେନ୍‌ତା ଭଲ୍ ଷ୍ଟୋରି ମିଲ୍‌ଲେ ମୁଇଁ ନିହାତି କର୍‌ମି।

**ଅପ୍‌କମିଙ୍ଗ୍ ପ୍ରୋଜେକ୍ଟ କାଣା ଅଛେ?**

ଏହେଦ୍‌କା ମୋର ୮ ନମ୍ବର ନାଟ୍ ୨୦୧୯ ଜାନୁୟାରୀରେ ରିଲିଜ୍ ହେବାକେ ଯାଉଛେ। ସେଟା ଗୁଟେ ହିନ୍ଦୀ କମେଡି ନାଟ୍ ଆଏ। ସେଥିରେ ଅଭିନେତା ଦର୍ଶିଲ ସଫାରୀ ଅଭିନଏ କର୍‌ବେ। ଏହେଦ୍‌କା ସେଟା ଲେଖା ଚାଲିଛେ। ତିନ୍‌ଟା ଭାଇ ଉପ୍‌ରେ ଇ ନାଟ୍‌ଟା ଅଛେ।

**ଫିଲ୍ମ ଇଣ୍ଡଷ୍ଟ୍ରିକେ ଯିବାର ଲାଗି ଚିନ୍‌ତା କରିଛନ୍ କାଏଁ?**

ହଁ, ଯିବାର ଲାଗି ଇଛା ଅଛେ। ହେଲେ ଝନେ କଲାକାର ହିସାବେ ନୁହେ, ଝନେ କାହାଣୀ ଲେଖକ୍ ହିସାବେ ଯିବାକେ ଚାହିଁମି। ଏହେଦ୍‌କା ଥିଏଟର ଉପ୍‌ରେ ବହୁତ୍ କାମ୍ କରବାର ଅଛେ। ନିଜ ପ୍ରଡ଼କ୍ସନ ହାଉସ୍‌କେ ଆହୁରି ଆଗ୍‌କେ ନେବାର ଲକ୍ଷ୍ୟ ରଖିଛେଁ।

**ଆଗ୍‌କେ ଥିଏଟରକେ ନେଇ କାଣା ସପନ୍ ରଖିଛ?**

ବାହାରେ ଥିଏଟରକେ ନିଜର ସଂସ୍କୃତି କରିଛନ୍। ହେଲେ ଆମର ଇଠାନେ ଥିଏଟର ଉପ୍‌ରେ ଲୁକ୍‌କର ଅଲଗ୍ ଭାବ୍‌ନା ରହିଛେ। ଫିଲ୍ମ ଯିବାର ଲାଗି ଥିଏଟର ଗୁଟେ ଜରିଆ ବଲି ଲୋକ୍ ଭାବ୍‌ସନ୍। ହେଲେ ମୁଇଁ ଲୋକ୍‌ମାନକର ଇ ଭାବ୍‌ନାକେ ବଦଲାବାର ଲକ୍ଷ୍ୟ ରଖିଛେଁ।

**ସମିଆ ପାଏଲେ କାଣା କର୍‌ବାକେ ପସନ୍ କର୍‌ସନ୍?**

ବହୁତ୍ ସିନେମା ଦେଖ୍‌ସିଁ। ଦିନ୍‌କେ ଯେନ୍‌ଥେଇ ହେଲେ ଗୁଟେ ସିନ୍‌ମା ଦେଖ୍‌ବାକେ ଚେଷ୍‌ଟା କର୍‌ସିଁ। ଇତାର ବାହାରେ ଯେହେତୁ ଫୁଟବଲ ଆର୍ କ୍ରିକେଟ ଉପ୍‌ରେ ଦୁର୍‌ବଲତା ଅଛେ, ସମିଆ ମିଲ୍‌ଲେ ଖେଲ୍‌ସିଁ।

**ଫିଟ୍ ରହେବାକେ କାଣା କର୍‌ସନ୍?**

ଫିଦିନ୍ ସକାଲେ ଜିମ୍ ଯାଏସିଁ। ଦେଢ଼ଘଁଟା ସେଠାନେ ଭିନେ ଭିନେ ପର୍‌କାର ଏକ୍ସରସାଇଜ୍ କର୍‌ସିଁ। ଯେହେତୁ ମୁଇଁ ଫୁଡି, ଖାଏବାରେ କଣ୍ଟ୍ରୋଲ କରି ନାଇଁପାରେଁ। ସେଥିର୍‌ଲାଗି ୱାର୍କଆଉଟ୍ ଅଧିକା କର୍‌ସିଁ।

– ସାକ୍ଷାତ୍: ଅସମାପିକା ସାହୁ